## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ତୀରମାଡ଼



ପାଲଲହଡ଼ା, ୧୬।୮ (ଡି.ଏନ.ଏ.)- ଅନୁଗୋଳ ଜିଲା ପାଲଲହଡ଼ା ଥାନା ଯମରଡ଼ିହ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁରୁ ଧୀବରଙ୍କୁ ତୀର ମାଡ଼ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିଛି। ଏଥିରେ ଗୁରୁ ଗୁରୁତର ହୋଇଛନ୍ତି। ଅଭିଯୋଗ ମୁତାବକ, ଗୁରୁ ଶୁକ୍ରବାର ଗାଁ ପାଖ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବାବେଳେ ସେହି ଗ୍ରାମର ଜୁଲୁମ ସିଂ ତାଙ୍କ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତୀର ମାରିଥିଲେ। ଧୀବରଙ୍କ ବାମ ହାତରେ ବାଜି ତୀରଟି ଗଳି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପାଲଲହଡା ଉପଖଣ୍ଡ ଡାକ୍ତରଖାନା ଓ ପରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଲକ୍ଷାଧିକ ଟଙ୍କାର କାଠ ଜବତ, ୨ ଗିରଫ



ପାଲଲହଡ଼ା, ୧୬।୮ (ଡି.ଏନ୍.ଏ.)- ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ସିବିଡ଼ା ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ ଶାଳ କାଠ ଚାଲାଣ ବେଳେ ବନ ବିଭାଗର ଏକ ଟିମ୍ ଚଢ଼ାଉ କରି ୩ଟି ଗାଡ଼ି ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ସମ୍ସୁଲ ଆଲାମ ଏବଂ ଇନ୍ଦ୍ରଜିତ୍ ନାୟକ। ଅଭିଯୁକ୍ତଙ୍କ ଘର କେନ୍ଦୁଝର ଜିଲା ରାଇଁସୁଆଁ ଅଞ୍ଚଳରେ। ସିବିଡ଼ା ସଂରକ୍ଷିତ ଜଙ୍ଗଲରୁ ବୁଧବାର ବିଳମ୍ବିତ ରାତିରେ ଯୋଜନାବଦ୍ଧ ଭାବେ ସ୍କର୍ପିଓ ଏବଂ ବୋଲେରୋରେ କାଠ ଚାଲାଣ କରାଯାଉଥିବା ଗୋଇନ୍ଦା ସୂଚନା ମିଳିଥିଲା। ଏହାପରେ ବନ ବିଭାଗ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରିଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### କଣିହାଁ ପ୍ରେସ୍ କ୍ଲବ ଉଦ୍‌ଘାଟିତ

କଣିହାଁ, ୧୬।୮ (ଡି.ଏନ୍.ଏ.)- ସ୍ୱାଧୀନତା ଦିବସ ପାଳନ ଅବସରରେ ଗୁରୁବାର ସାମ୍ବାଦିକ ସଂଘ ପକ୍ଷରୁ କଣିହାଁ ପ୍ରେସ କ୍ଲବ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଏନ୍‌ଟିପିସି କଣିହାଁ ଇଡି ରମେଶ ବାବୁ ଭି, କଣିହାଁ ବିଡିଓ ରମେଶ ଜେନା, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟ ରଞ୍ଜନ ମାହାନ୍ତ ଓ ଅନ୍ୟ ପଦାଧିକାରୀମାନେ ଯୋଗ ଦେଇଥିଲେ। ଗଣମାଧ୍ୟମ ସମାଜର ପଥ ପ୍ରଦର୍ଶକ। ଖବରଦାତାମାନେ ଜାଗ୍ରତ ପ୍ରହରୀ ହୋଇ ସମାଜର ବିକାଶ ପାଇଁ କାର୍ଯ୍ୟ କରିବାକୁ ଅତିଥିମାନେ କହିଥିଲେ। ଏନ୍‌ଟିପିସି ଇଡି ପ୍ରକଳ୍ପର ଗାଇଡଲାଇନ ଅନୁଯାୟୀ ସାମାଜିକ ଦାୟିତ୍ୱବୋଧ ଯୋଜନାରେ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କ୍ଲବ ସଭାପତି ଭୁପେନ ଗଡନାୟକ, ସମ୍ପାଦକ ରଞ୍ଜନ ମିଶ୍ର, ଉପଦେଷ୍ଟା ଧନେଶ୍ୱର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଦୋକାନରୁ ଚୋରି, ଅଭିଯୁକ୍ତ ଗିରଫ

କଣିହାଁ, ୧୬।୮ (ଡି.ଏନ.ଏ.)- କଣିହାଁ ଥାନା ପୋଲିସ ଚୋରି ଅଭିଯୋଗରେ ବାଦିବାହାଳ ଗ୍ରାମର ଯୁଗଳ କିଶୋର ସାହୁଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀଙ୍କ ସୂଚନା ମୁତାବକ, ବଡତ୍ରିବିଡା ଗ୍ରାମର ପ୍ରତାପ ବେହେରା ତାଙ୍କ ଘର ପରିସରରେ ରାଶନ ଦୋକାନ କରିଛନ୍ତି। ଗତ ୧୦ ତାରିଖ ରାତିରେ ସେ ଦୋକାନ ନିକଟକୁ ଆସିଥିବାବେଳେ ଦୋକାନ ଖୋଲା ଥିବା ଏବଂ ୮୫ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ସେଠାରେ ରଖାଯାଇଥିବା ଏକ ସାଇକେଲକୁ ଚିହ୍ନଟ କରି ଗ୍ରାମରେ ବୈଠକ ବସିଥିଲା। ନିଷ୍ପତ୍ତି ଅନୁଯାୟୀ ଅଗଷ୍ଟ ୧୫ରେ ପ୍ରତାପ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ପରେ ବଡତ୍ରିବିଡାରେ ଶ୍ୱଶୁର ଘରେ ରହୁଥିବା ଯୁଗଳ କିଶୋରଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୧୫୮/୧୯ରେ ଏକ ମାମଲା ରୁଜୁ କରାଯିବା ସହ ତାଙ୍କଠାରୁ ୩୬ ହଜାର ୫ଶହ ଟଙ୍କା ଜବତ କରାଯାଇଛି।

## ୭୩ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

# ସମୃଦ୍ଧ ରାଜ୍ୟ ଆମର ସ୍ୱପ୍ନ ଏବଂ ସଙ୍କଳ୍ପ



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

**ଅନୁଗୋଳ ଅଫିସ, ୧୬।୮**

ଜିଲାସ୍ତରୀୟ ୭୩ ତମ ସ୍ୱାଧୀନତା ଦିବସ ଅନୁଗୋଳ ଷ୍ଟାଡିୟମ ଠାରେ ପାଳିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଂଶଗ୍ରହଣ କରିଥିବା ୪୩ଟି ଦଳ ଠାରୁ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ସମୃଦ୍ଧ ଦେଶ ଓ ସମୃଦ୍ଧ ରାଜ୍ୟ ଆମର ସ୍ୱପ୍ନ ଏବଂ ସଙ୍କଳ୍ପ। ସ୍ୱାଧୀନତା ଦିବସ ଆମ ପାଇଁ ଆତ୍ମ ସମୀକ୍ଷା କରିବାର ଦିବସ। ଆମେ ନେଇଥିବା ସଙ୍କଳ୍ପ ଆଜି କେତେଦୂର ସଫଳ ହୋଇପାରିଛି ତାହା ଏହି ଦିବସରେ ସମୀକ୍ଷା କରିବା ଉଚିତ। ଅନୁଗୋଳ ମାଟିର ସଂଗ୍ରାମୀମାନଙ୍କୁ ପ୍ରଣାମ ଜଣାଇ ମନ୍ତ୍ରୀ କହିଥିଲେ, ଶିଳ୍ପ ସମୃଦ୍ଧ ଏହି ଜିଲାର ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ନୂଆ ରାଇଗୋଡ଼ା ଗ୍ରାମ ସ୍ଥାନାନ୍ତରଣ ଓ ବଡ଼ମୂଳ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ସହ ଏହି ଜିଲା ପ୍ରଗତି ଓ ସମୃଦ୍ଧିର ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନରେ ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଟିମ୍ ୱାର୍କ, ଟ୍ରାନ୍ସପାରେନ୍ସି, ଟେକ୍ନୋଲୋଜି, ଟ୍ରାନ୍ସଫରମେଶନ ଓ ଟାଇମ ପରି ୫ଟି' ପ୍ରୟୋଗ କରାଯାଇ ଲୋକମାନଙ୍କୁ ସକ୍ରିୟ ଓ ସମୟଭିତ୍ତିକ ସେବା ଯୋଗାଇ ଦିଆଯାଉଛି। ଏଥିସହ କୃଷି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ ଉନ୍ନୟନ, ପଞ୍ଚାୟତିରାଜ, ସାମାଜିକ ସୁରକ୍ଷା, ଆଦିବାସୀ କଲ୍ୟାଣ, ଶକ୍ତି ଆଦି ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ସରକାର ନେଇଥିବା ପଦକ୍ଷେପ ଓ କରିଥିବା ଯୋଜନାଗୁଡ଼ିକର ସଫଳତା ସମ୍ପର୍କରେ ମନ୍ତ୍ରୀ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଜିଲାରେ ବୃକ୍ଷରୋପଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଉଦ୍ୟାନ ବିଭାଗ ପକ୍ଷରୁ ସମସ୍ତ ପୁରସ୍କାର ବିଜେତା, ଜନସାଧାରଣଙ୍କୁ ଔଷଧ ଓ ଫଳଚାରା ପ୍ରଦାନ କରାଯାଇଥିଲା। ଏଥିସହ ଗତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଜିଲାପାଇଁ ଗୌରବ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପୃକ୍ତ ଛାତ୍ରୀଛାତ୍ରମାନଙ୍କୁ ପତଞ୍ଜଳି ଯୋଗ ସମିତି, ଆମ ସଂସ୍କୃତି ସେବା ଓ ସାଂସ୍କୃତିକ ଅନୁଷ୍ଠାନ, ଅନୁଗୋଳ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ସୁକାନ୍ତିଦାସ ଓ ଲିଟିଲ ହାର୍ଟ ଟଡଲର୍ସ ଏକାଡ଼େମୀ ପକ୍ଷରୁ ମଧ୍ୟ ଆର୍ଥୀକ ସହାୟତା ଓ ପୁରସ୍କାର ଦିଆଯାଇଥିଲା। ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମଜୟନ୍ତୀ ପାଳନ ଅବସରରେ ସାମାଜିକ କର୍ମୀ ଅନୁଷ୍ଠାନ ଭିଜନ ସ୍ୱରାଜ ପକ୍ଷରୁ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଶୁଭାରମ୍ଭ କରିଥିଲେ। ପରେଡ ମାର୍ଚ୍ଚ ପାଷ୍ଟରେ ଅଂଶ ଗ୍ରହଣ କରିଥିବା ୪୩ଟି ଦଳ ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳକୁ ସିଲ୍ ପ୍ରଦାନ କରାଯାଇଥିଲା। ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲ, ଆଇଡିଆଲ ପବ୍ଲିକ ସ୍କୁଲ ଓ ରୋଟାରି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜିଲାପାଳ ମନୋଜ କୁମାର ମହାନ୍ତି ସକାଳେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଜିଲା କାର୍ଯ୍ୟାଳୟ ସମେତ ବିଭିନ୍ନ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିଲେ। ପରେ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ସହ ଜେଲ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସମସ୍ତ କାର୍ଯକ୍ରମରେ ଅନୁଗୋଳ ଜିଲାପାଳଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ହାଁସଦା, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଉପଜିଲାପାଳ ବାସୁଦେବ ଶତପଥୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରତାପ କୁମାର ବେହେରା, ଡେପୁଟି କଲେକ୍ଟର ବଇତୁରା ଦୀପ୍, ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଜାତୀୟ ଦିବସର ତାତ୍ପର୍ଯ୍ୟ ଜାଣିଲେ ଛାତ୍ରୀଛାତ୍ର



ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲରେ ଛାତ୍ରୀଛାତ୍ରମାନେ ମାନବ ଶୃଙ୍ଖଳରେ ଭାରତ ମାନଚିତ୍ର ପ୍ରଦର୍ଶନ କରୁଛନ୍ତି।

**ଅନୁଗୋଳ ଅଫିସ, ୧୬।୮**

ଅନୁଗୋଳସ୍ଥିତ ଆଦର୍ଶ କଲେଜ ଅଫ୍ ଇଞ୍ଜିନିୟରିଂରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଆଦର୍ଶ ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ମହେଶ ଚନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଡକ୍ଟର ଅକ୍ଷୟ କୁମାର ସିଂ ପତାକା ଉତ୍ତୋଳନ କରିଥିଲେ। ପ୍ରଫେସର ରଣଜିତ କୁମାର ଅମାନ୍ତ ଏହି ଜାତୀୟ ଦିବସ ପାଳନର ତାତ୍ପର୍ଯ୍ୟ ବୁଝାଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ପ୍ରକାଶ ଚନ୍ଦ୍ର ଧଳ, ପ୍ରଫେସର ଭାଗୀରଥି ପ୍ରଧାନ, ଅଧ୍ୟାପକ ଜଗଦୀଶ ପରିଡ଼ା, ରୁଦ୍ରନାରାୟଣ ବେହେରା, ପ୍ରଶାସନିକ ଅଧିକାରୀ ଅବନୀକାନ୍ତ ଷଡ଼ଙ୍ଗୀ ଓ ସତୀଶ ରଞ୍ଜନ ମିଶ, ପ୍ରଫେସର ଜ୍ୟୋତିପ୍ରକାଶ ଦାସ, ଅବିନାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଲୋକ ସମ୍ପର୍କ ଅଧିକାରୀ ପରିଚାଳନା କରିଥିଲେ। ସେହିପରି ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲରେ ଅନୁଷ୍ଠାନର ଅଧ୍ୟକ୍ଷ ମହେଶ ଚନ୍ଦ୍ର ଧଳ ପତାକା ଉତ୍ତୋଳନ କରିଥିଲେ। ସ୍କୁଲ ପ୍ରିନ୍ସିପାଲ ସନ୍ତୋଷ କୁମାର ଗୌଡ଼, ଉପାଧ୍ୟକ୍ଷ ବିଜୟ କୁମାର ଦାସ, ଇଞ୍ଜିନିୟରିଂ କଲେଜର ପ୍ରଶାସନିକ ଅଧିକାରୀ ଅବନିକାନ୍ତ ଷଡ଼ଙ୍ଗୀ, ଲୋକ ସମ୍ପର୍କ ଅଧିକାରୀ ବଂଶୀଧର ମିଶ୍ର ଓ ଡ. ବନ୍ଦିତା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ସ୍ମୃତିସ୍ନିଗ୍ଧା ମିଶ୍ର ସ୍ୱାଗତ ଭାଷଣ ଓ ରେଣୁବାଳା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବସ୍ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

**ଛେଣ୍ଡିପଦା, ୧୬।୮ (ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ଜରପଡା ଥାନା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର କତଡା ନିକଟରେ ଏକ ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଆଠମଲ୍ଲିକ ଅଞ୍ଚଳର ନାରାୟଣ ସ୍ୱାଇଁ (୬୭)। ପୋଲିସ କହିଛି, ଆଠମଲ୍ଲିକରୁ ଏକ ବସ୍ (ନଂ.ଓଆର୧୯ ଏମ୍୫୫୭୪) ଅନୁଗୋଳ ଅଭିମୁଖେ ଆସୁଥିବାବେଳେ ଅନୁଗୋଳ-ସମ୍ବଲପୁର ଯାଇଥିବା ୫୫ ନଂ.ଜାତୀୟ ରାଜପଥର ଜରପଡା ଥାନା କତଡା ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ନାରାୟଣଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକ ଓ ଜରପଡା ପୋଲିସ ଗୁରୁତରଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

## ଜଳ ଯୋଗାଣ ବନ୍ଦ ପ୍ରତିବାଦରେ ବିକ୍ଷୋଭ



**କଣିହାଁ, ୧୬।୮ (ଡି.ଏନ.ଏ.)**

କଣିହାଁ ବ୍ଲକ ଗଦାଶିଳା ପଞ୍ଚାୟତ ଗଦାଶିଳା ଓ କରଡେଇ ଗ୍ରାମକୁ ପାନୀୟ ଜଳ ଯୋଗାଣ ବନ୍ଦ ପ୍ରତିବାଦରେ ବହୁ ସଂଖ୍ୟାରେ ମହିଳା ଶୁକ୍ରବାର ଏନ୍‌ଟିପିସି ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ଗରା, ମାଠିଆ ଧରି ବିକ୍ଷୋଭ କରିଥିଲେ। ସେମାନଙ୍କ ଅଭିଯୋଗ ମୁତାବକ, ଗତ ବୁଧବାରଠାରୁ ଗ୍ରାମକୁ ପାଣି ଯୋଗାଣ ବନ୍ଦ ରହିଛି। ଫଳରେ ଲୋକେ ହଇରାଣ ହେଉଛନ୍ତି। ଏନଟିପିସି କଣିହାଁ ପ୍ରକଳ୍ପର ଜଳ ଯୋଗାଣ ବିଭାଗ ଅଧିକାରୀଙ୍କ ମନମୁଖି କାମ ଯୋଗୁ ଜଳ ଯୋଗାଣ ବନ୍ଦ ରହିଛି। ପ୍ରକଳ୍ପ ଯୋଗୁ ପ୍ରଦୂଷଣରେ ଲୋକେ ହନ୍ତସନ୍ତ ହେଉଥିଲେ ହେଁ ସେମାନଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦିଆଯାଉ ନ ଥିବା ଆନ୍ଦୋଳନର ନେତୃତ୍ୱ ନେଇଥିବା ଜେମାମଣି ନାଏକ ଅଭିଯୋଗ କରିଥିଲେ। ଏନ୍‌ଟିପିସି ଜଳ ଯୋଗାଣ ବିଭାଗର ଅଧିକାରୀ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିଲା। ପୂର୍ବତନ ସରପଞ୍ଚ ମାନସୀ ସ୍ୱାଇଁ, ୱାର୍ଡ ସଭ୍ୟ ବୃନ୍ଦାବନ ପ୍ରଧାନ, ମହିଳା ସଙ୍ଗଠିକା ପ୍ରଗତିବାଳା ନାୟକ, ଅହଲ୍ୟା ସାହୁ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

## ୫୦ ହଜାର ଚାରା ରୋପଣ କରିବ ଏନ୍‌ଟିପିସି



ଏନ୍‌ଟିପିସି ପ୍ରକଳ୍ପରେ ସ୍ୱାଧୀନତା ଦିବସ ପାଳନବେଳେ ମୁଖ୍ୟଅତିଥି ଅଭିବାଦନ ଗ୍ରହଣ କରୁଛନ୍ତି।

**ତାଳଚେର, ୧୬।୮ (ନି.ପ୍ର.)**

କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ ବାବୁ ଭି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସବୁଜ ବଳୟ ସୃଷ୍ଟି ନିମନ୍ତେ ଚଳିତ ଆର୍ଥିକ ବର୍ଷରେ ଏହି ପ୍ଲାଣ୍ଟ ପକ୍ଷରୁ ଓଏଫଡିସି ସହାୟତାରେ ୫୦ ହଜାର ଚାରାରୋପଣ କରାଯିବାକୁ ଯୋଜନା ରହିଛି ବୋଲି ସେ ସୂଚନା ଦେଇଥିଲେ। ତନଭି ସଙ୍ଗମ ପକ୍ଷରୁ ମେଧାବୀ ଛାତ୍ରୀମାନଙ୍କୁ ସାଇକେଲ ଓ ମୁଣ୍ଡାହଟିଂ ସ୍କୁଲକୁ ଫର୍ନିଚର ପ୍ରଦାନ କରାଯାଇଥିଲା। ତନଭି ସଙ୍ଗମ ସଭାପତି ବାଣୀ ଭି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବରିଷ୍ଠ ଅଧିକାରୀଗଣ, ୟୁନିୟନ ପ୍ରତିନିଧି, ସିଆଇଏସ୍‌ଏଫ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

## ଜମିବାଡ଼ିକୁ ନେଇ ମାର୍‌ପିଟ

**ବଇଣ୍ଡା, ୧୬।୮ (ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଭେଜିଗୋଠ ଗ୍ରାମରେ ଗୁରୁବାର ଜମିବାଡ଼ି ସମସ୍ୟାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ହୋଇଛି। ଏ ନେଇ ଥାନାରେ ୨ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି, ବୁଧବାର ଗ୍ରାମର ନିରଞ୍ଜନ ପ୍ରଧାନଙ୍କୁ ସେହି ଗ୍ରାମର ବିଭୂତି ପ୍ରଧାନ, ଚିନ୍ତାମଣି ପ୍ରଧାନ, ଦାମୋଦର ପ୍ରଧାନ, ଭରତ ପ୍ରଧାନ, ଲିପୁନ ପ୍ରଧାନ ଜମିବାଡ଼ି ଭାଗବଣ୍ଟାକୁ କେନ୍ଦ୍ର କରି ଠେଙ୍ଗାରେ ଆକ୍ରମଣ କରିଥିଲେ। ନିରଞ୍ଜନଙ୍କ ଅଭିଯୋଗକୁ ନେଇ ପୋଲିସ ନଂ. ୧୩୫/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ ଚିନ୍ତାମଣି ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କୁ ନିରଞ୍ଜନ ପ୍ରଧାନ, ନେତ୍ରା ପ୍ରଧାନ, ବାପୁନ ପ୍ରଧାନ, ପବିର ପ୍ରଧାନ, କୁନ୍ଦନ ପ୍ରଧାନ, ଚନ୍ଦନ ପ୍ରଧାନ ଠେଙ୍ଗାରେ ଆକ୍ରମଣ କରିଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ଏ ନେଇ ନଂ. ୧୩୬/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଅବକାରୀ ଚଢ଼ାଉ, ୬ ଗିରଫ

**ବଇଣ୍ଡା, ୧୬।୮ (ଡି.ଏନ.ଏ.)**

ଆଠମଲ୍ଲିକ ଅବକାରୀ ବିଭାଗ ଶୁକ୍ରବାର ଠାକୁରଗଡ ଥାନା ତାଳବାହାଳି ଓ ପାଇକ ସାହି ଗ୍ରାମରେ ଚଢାଉ କରି ୬୫ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତାଳବାହାଳି ଗ୍ରାମର ଦୈତାରି ବେହେରା, ଲୋଚନ ପ୍ରଧାନ, ସବିତା ପ୍ରଧାନ, ଦୁଃଶାସନ ବେହେରା, ସଞ୍ଜୟ ପ୍ରଧାନ, ପାଇକସାହି ଗ୍ରାମର ହରି ପ୍ରଧାନ। ଏମାନେ ଚୋରାରେ ମଦବିକ୍ରି କରୁଥିବା ଖବରପାଇ ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀ, ଉପନୀରିକ୍ଷକ ପ୍ରଫୁଲ୍ଲ କୁମାର ପତି, ରମାକାନ୍ତ ଚାନ୍ଦ, ଅରୁଣ କୁମାର ଚାଉଳିଆ, ହରିହର ପରିଡ଼ା ପ୍ରମୁଖ ଚଢାଉ କରିଥିଲେ।

## କୃମିନାଶକ ଔଷଧ ଖାଇ ୨୧ ଅସୁସ୍ଥ

**ଅନୁଗୋଳ ଅଫିସ, ୧୬।୮**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ସ୍ଥିତ ତଳମୂଳ ଶାସନ ନୂଆସାହି ୟୁପି ସ୍କୁଲରେ ଶୁକ୍ରବାର କୃମିନାଶକ ଔଷଧ ଖାଇ ୨୧ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଏବେ ସେମାନେ ସୁସ୍ଥ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଏକ ୫ ଜଣିଆ ଡାକ୍ତରୀ ଟିମ୍ ଚିକିତ୍ସା କରୁଥିବା ବେଳେ ଏଡିଏମ୍‌ଓ ମେଡିକାଲ ଲକ୍ଷ୍ମୀ ନାରାୟଣ ବିଶୋଇ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି।

ସୂଚନା ଅନୁଯାୟୀ, ନୂଆସାହି ୟୁପି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଶେଷ ହେବା ପରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯାଇଥିଲା। ଔଷଧ ଖାଇବା ପରେ ପ୍ରଥମେ ୪ ଜଣ ଚେତାଶୂନ୍ୟ ହୋଇଯାଇଥିଲେ। ସେମାନଙ୍କ ପରେ ଜ୍ୟୋତିରଞ୍ଜନ ବେହେରା, ସୁଜିତ କୁମାର ଜେନା, ମଧୁସ୍ମିତା ବେହେରା, ରିଙ୍କୁ ବେହେରା, ପିଙ୍କୁ ବେହେରା, ଲକି ବେହେରା, ଇପ୍ସିତା ବେହେରା, ଶୁଭସ୍ମିତା ବେହେରା, ରଶ୍ମିତା ବେହେରା, ସର୍ଯ୍ୟକାନ୍ତ ସେଠ, ରାହୁଲ ବେହେରା, କୃଷ୍ଣ ବେହେରା, ଶ୍ରୀତମ ବେହେରା, କାଜଲ ବେହେରା, ବିମଳ ବେହେରା, ରାକେଶ ବେହେରା, ଶୁଭସ୍ମିତା ବେହେରା, ଆରତି ବେହେରା, ଅଜିତ ବେହେରା, ସୋନାଲି ବେହେରା, ଅର୍ଚ୍ଚିତା ବେହେରା ପ୍ରମୁଖ ଅସୁସ୍ଥ ହୋଇପଡ଼ିଥିଲେ। ବିଦ୍ୟାଳୟ ପକ୍ଷରୁ ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବା ସହ ୧୦୮ ଆମ୍ବୁଲାନ୍ସ ଓ ଅନ୍ୟ ଗାଡ଼ିରେ ଅସୁସ୍ଥ ଛାତ୍ରୀଛାତ୍ରମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମେଡିକାଲର ଏକ ସ୍ୱତନ୍ତ୍ର କୋଠରିରେ ସେମାନଙ୍କ ଚିକିତ୍ସା କରାଯାଉଥିବା କର୍ତ୍ତୃପକ୍ଷ କହିଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କହିଛନ୍ତି ଯେ, ଘଟଣାର ତଦନ୍ତ କରାଯିବ। ତ୍ରୁଟି ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଉତ୍ପାଦନ ନେଇ ସନ୍ତୋଷ ବ୍ୟକ୍ତ କଲେ ଜେଏସ୍‌ପିଏଲ୍ ଓଡ଼ିଶା ମୁଖ୍ୟ

**ଅନୁଗୋଳ ଅଫିସ, ୧୬।୮**

ଅନୁଗୋଳ ଜେଏସ୍‌ପିଏଲ୍ ପରିସର ସ୍ଥିତ ଓ.ପି. ଜିନ୍ଦଲ ସ୍କୁଲ ଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜେଏସ୍‌ପିଏଲ୍ ଓଡିଶା ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ ପତାକା ଉତ୍ତୋଳନ ସହ ନିରାପତ୍ତା ଦଳଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଜିନ୍ଦଲ ମହିଳା ସମିତି ଅଧ୍ୟକ୍ଷା ପ୍ରତିଭା ଗୌତମ ଓ ବିଭିନ୍ନ ବିଭାଗୀୟ ମୁଖ୍ୟ, ତଥା କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ପରିବାରବର୍ଗ, ସ୍ଥାନୀୟ ଗ୍ରାମବାସୀ ଯୋଗଦାନ କରିଥିଲେ। ଏହି ଅବସରରେ ଗୌତମ ଜେଏସ୍‌ପିଏଲ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ବାର୍ତ୍ତା ପଢି ଶୁଣାଇବା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ। ଜେଏସ୍‌ପିଏଲ୍ ଅନୁଗୋଳ ୟୁନିଟ୍‌ର ବିଭିନ୍ନ ଉତ୍ପାଦନ ରେକର୍ଡ ଉପରେ ଗୌତମ ସନ୍ତୋଷ ବ୍ୟକ୍ତ କରିଥିଲେ। ଚଳିତ ବର୍ଷ ପାଇଁ ନିରାପତ୍ତା ବିଭାଗର ବିଭିନ୍ନ କର୍ମଚାରୀଙ୍କୁ ସାହସିକତା ସଫଳତା ପାଇଁ ପୁରସ୍କୃତ କରାଯାଇଥିଲା। ଜେଏସ୍‌ପିଏଲ ସଭାପତି ଦାମୋଦର ମିତ୍ତଲ, ମାନବ ସମ୍ବଳ ଉପସଭାପତି ଆଲୋକ ମାଲହୋତ୍ରା, ସିଏସ୍‌ଆର୍ ଉପସଭାପତି ଏସ୍.କେ. ଶର୍ମା, ବାର ମିଲ ସହାୟକ ଉପସଭାପତି ଆଶିଷ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶ୍ରମିକ ବିହାର, ବଡମହିତଳା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲ ଓ ଅନୁଗୋଳ ସ୍ଥିତ ଓପିଜେସିସି ଠାରେ ମଧ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ଜେଏସ୍‌ପିଏଲ ଫାଉଣ୍ଡେସନ ପକ୍ଷରୁ ଜିଲାର ୧୯ଟି ପଞ୍ଚାୟତରେ ଥିବା ୭୪ଟି ବିଦ୍ୟାଳୟ ଓ ୮୬ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଜେଏସପିଏଲ ଭୁବନେଶ୍ୱରସ୍ଥିତ ଅଫିସ ଠାରେ ପ୍ରଶାନ୍ତ ହୋତା, ଇଭିପି ତଥା ଭୁବନେଶ୍ୱର ଅଫିସ ପ୍ରଶାସନିକ ମୁଖ୍ୟ ପତାକା ଉତ୍ତୋଳନ ସହ ସାଧାରଣ ଜନତାଙ୍କ ପାଇଁ ଏକ ବିଶୁଦ୍ଧ ପାନୀୟ ଜଳ ବିତରଣ କେନ୍ଦ୍ରର ଶୁଭାରମ୍ଭ କରିଥିଲେ।




ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଫାଇନାନ୍ସ କର୍ମଚାରୀ ମୃତ

**କାମାକ୍ଷାନଗର, ୧୬।୮ (ଡି.ଏନ୍.ଏ.):** କାମାକ୍ଷାନଗର ଥାନା ୫୩ନଂ. ଜାତୀୟ ରାଜପଥର ବାଉଁଶପାଳ ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଟ୍ରକ୍ (ଓଡି ୩୫ ଏ ୫୯୦୫) ଧକ୍କାରେ ଜଣେ ଫାଇନାନ୍ସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ପାଖଡ଼ ଗ୍ରାମର ନରେଶ ସେଠୀ। କାମାକ୍ଷାନଗର ଭାରତ ଫାଇନାନ୍ସ ଶାଖାରେ ନରେଶ କାର୍ଯ୍ୟ କରୁଥିଲେ। ସେ କୌଣସି କାମରେ ପରଜଙ୍ଗ ଯାଇ ବାଇକ୍‌ରେ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହାପରେ ସ୍ଥାନୀୟ ଲୋକେ ପ୍ରାୟ ଘଣ୍ଟାଏ ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିଛି। ଡ୍ରାଇଭରକୁ ଅଟକ ରଖି ପଚରାଉଚୁରା କରାଯାଉଛି। ଏ ନେଇ ନଂ. ୧୬୭/୧୯ରେ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଥାନାଧିକାରୀ ନିରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

### ବ୍ରହ୍ମାକୁମାରୀ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ



**ଢେଙ୍କାନାଳ ଅଫିସ, ୧୬।୮**

ଓଡ଼ାପଡ଼ା ବ୍ଲକ ହରିପୁର ଶାଖା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଢେଙ୍କାନାଳ ଜିଲା ଲେଖକ ସଂସଦ ପରିସରରେ ଗୁରୁବାର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଚାରପତି ଭିକାରି ଚରଣ ରାଉତ, ମୁଖ୍ୟବକ୍ତା ଅଧ୍ୟାପକ ଦୁର୍ଗାମାଧବ ପୃଷ୍ଟି, ସମ୍ମାନିତ ଅତିଥି ଅଧ୍ୟାପକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଜିଲା ଲେଖକ ସଂସଦ ସମ୍ପାଦକ ବସନ୍ତ କୁମାର ପଟ୍ଟନାୟକ, ବ୍ରହ୍ମାକୁମାରୀ ରୀତା ପ୍ରମୁଖ ଯୋଗଦେଇ ପରମାତ୍ମାଙ୍କ ପ୍ରେମବନ୍ଧନରେ ବାନ୍ଧି ହେବା ହିଁ ପ୍ରକୃତ ରକ୍ଷାବନ୍ଧନ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନର ସଦସ୍ୟମାନେ ଜିଲାପାଳ, ଏସ୍‌ପି, ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ପହଞ୍ଚି ଅଧିକାରୀଙ୍କ ହାତରେ ରାଖୀ ବାନ୍ଧିଥିଲେ।

### ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳିତ

**ପରଜଙ୍ଗ, ୧୬।୮ (ଡି.ଏନ୍.ଏ.):** ପରଜଙ୍ଗ କଲେଜରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଅଗଷ୍ଟ ୯ରୁ ଆରମ୍ଭ ହୋଇଥିବା ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ସ୍ୱାଧୀନତା ଦିବସରେ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ପ୍ରବନ୍ଧ, ବକ୍ତୃତା, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଉଦ୍‌ଯାପନୀ ଦିବସରେ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ସନାତନ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରବୋଧ ରଥ, ପ୍ରସନ୍ନ ସାହୁ, ପ୍ରଣବ ବେହେରା ମଞ୍ଚାସୀନ ଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଅଞ୍ଜନ କୁମାର ମହାରଣାଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

■ତ୍ରିରଙ୍ଗା ତଳେ ସଭିଏଁ ଏକାଠି

# ‘ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦିଅ’



କାମାକ୍ଷାନଗର ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**କାମାକ୍ଷାନଗର/ପରଜଙ୍ଗ/ଭୁବନ/ହିନ୍ଦୋଳ, ୧୬।୮ (ଡି.ଏନ୍.ଏ.)**

ଢେଙ୍କାନାଳ ହେଉଛି ସଂଗ୍ରାମୀଙ୍କ ମାଟି। ଦେଶକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବାକୁ ଯାଇ ଜିଲାର ବହୁ ବୀର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଛନ୍ତି। ବ୍ୟକ୍ତିଗତ ସ୍ୱାର୍ଥକୁ ଭୁଲି ଅଞ୍ଚଳର ସ୍ୱାର୍ଥ ପ୍ରତି ଧ୍ୟାନ ଦେଲେ ସବୁକ୍ଷେତ୍ରରେ ଆମେ ଏକ ନମ୍ବର ହୋଇପାରିବା ବୋଲି କହିଛନ୍ତି ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ। କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମରେ ଗୁରୁବାର ଆୟୋଜିତ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଏହି ଅବସରରେ ଉପଜିଲାପାଳ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମିଳିତ ପରେଡରେ ୪୯ଟି ଦଳ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ତହସିଲଦାର ସୁଧାଂଶୁ ଶେଖର ମହାନ୍ତି, ଓକିଲ ସଂଘ ସଭାପତି ରଞ୍ଜନ ରାଉତ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୈଳାସ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ହିନ୍ଦୋଳ କଚେରି ପଡ଼ିଆରେ ଆୟୋଜିତ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଉପଜିଲାପାଳ ଉଦୟନାଥ ମହାପାତ୍ର ଅଭିବାଦନ ଗ୍ରହଣ କରିଥିଲେ। ୧୫ରୁ ଉର୍ଦ୍ଧ୍ୱ ଦଳ ମିଳିତ ପରେଡରେ ସାମିଲ ହୋଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ ଦର୍ଶକ। ସିଭିଲ କୋର୍ଟରେ ସବ୍‌ଜଜ୍ ସି.ଏଚ୍. ବାସୁଦେବ ପାତ୍ର, ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ଏନ୍‌ଏସି କାର୍ଯ୍ୟାଳୟରେ ଅଧ୍ୟକ୍ଷା ରୀନା ବେହେରା, ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ପରଜଙ୍ଗ ଅଞ୍ଚଳର ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଡିଓ ବସନ୍ତ କୁମାର ମଲ୍ଲିକ, ଏବିଡିଓ ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ମାଜିଷ୍ଟ୍ରେଟ୍ ଲୋକନାଥ ମିଶ୍ର, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଜୟନ୍ତ କୁମାର ଜୟସିଂ, ଥାନାରେ ଥାନାଧିକାରୀ ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ୍, ଗାଡି ମାଲିକ ସଂଘ କାର୍ଯ୍ୟାଳୟରେ ଅଶୋକ ସୁବାହୁସିଂ, ମହାବିରୋଡ ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜର ହରମୋହନ ନାୟକ ପତାକା ଉତ୍ତୋଳନ କରିଥିଲେ।

ସେହିପରି ଭୁବନ ଏନ୍‌ଏସି କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ପ୍ରମୋଦ ବରାଳ, ଶିକ୍ଷକ ପରିଷଦ ଏବଂ ନୂଆ ବଜାର ବଣିକ ସଂଘ ପକ୍ଷରୁ ଆୟୋଜିତ ଏହି ଜାତୀୟ ଦିବସରେ ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ଉପସ୍ଥିତ ରହି ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ। ଏହି ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

■ଭୁବନ ଏନ୍‌ଏସିରେ ପଲିଥିନ ଧରପଗଡ଼

# ୧୪୫୦ ଟଙ୍କା ଜରିମାନା ଆଦାୟ



ଚଢ଼ାଉରେ ସାମିଲ ହୋଇଥିବା ଅଧିକାରୀମାନେ।

**ଭୁବନ, ୧୬।୮ (ଡି.ଏନ.ଏ.)**

ଭୁବନ ଏନ୍‌ଏସିକୁ ପଲିଥିନ ମୁକ୍ତ କରିବାକୁ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ। ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳଙ୍କ ତତ୍ତ୍ୱାବଧାନରେ ସହରର ୨୦ରୁ ଉର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ାଉ କରାଯାଇ ୧୪୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିରେ କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ରନାଥ ସାହୁ, ଜଗଦୀଶ ନାଏକ, ସତ୍ୟବ୍ରତ ସାହୁ, କୋଦଣ୍ଡଧର ପୋଥାଳ, ମିଟି ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଦିନରେ ଚଢ଼ାଉ ଆହୁରି ଜୋର୍‌ଦାର କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

## ପୃଥକ୍ ଦୁର୍ଘଟଣା: ଜଣେ ମୃତ, ୩ ଆହତ

**ପରଜଙ୍ଗ, ୧୬।୮ (ଡି.ଏନ୍.ଏ.)**

ପରଜଙ୍ଗ ଥାନା ଅଞ୍ଚଳରେ ଶୁକ୍ରବାର ପୃଥକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଏଥିରେ ୩ଜଣ ଗୁରୁତର ହୋଇଛନ୍ତି। ହାତୀଲୁଚାଣି–ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ପରମହଂସପୁର ଗ୍ରାମ ନିକଟରେ ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ଉଜ୍ଜ୍ୱଳ ନାୟକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇ ବାଇକ୍ ଆରୋହୀ ଫେରାର ହୋଇଯାଇଛନ୍ତି। ରିପୋର୍ଟ ଲେଖାଯିବା ଯାଏ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇନାହିଁ। ସେହିପରି ଅପରାହ୍ନରେ ୧୪୯ନଂ. ଜାତୀୟ ରାଜପଥର ରଙ୍ଗଥଳି ଛକ ନିକଟରେ କାର୍ (ନଂ. ଓଆର୍ ୧୯ ଏନ୍ ୧୭୧୭) ଧକ୍କାରେ ହାତୀଲୁଚାଣି ଗ୍ରାମର ୩ଜଣ ଯୁବକ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ଯୁବକମାନେ ବାଇକ୍‌ରେ ଆସୁଥିବାବେଳେ ପଛପଟୁ ଉକ୍ତ କାର୍ ଧକ୍କା ଦେଇଥିଲା। ୧୦୮ ଆମ୍ବୁଲାନ୍ସରେ ସମସ୍ତଙ୍କୁ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଫାଣ୍ଡି ଅଧିକାରୀ ସମରଜିତ ନାୟକ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛନ୍ତି।

# କୃତୀ ପ୍ରତିଭା ସମ୍ବର୍ଦ୍ଧିତ



ଅତିଥିମାନଙ୍କ ଗହଣରେ ସମ୍ମାନିତ ହୋଇଥିବା କୃତୀ ପ୍ରତିଭାମାନେ।

**ଢେଙ୍କାନାଳ ଅଫିସ, ୧୬।୮**

ଓଡ଼ାପଡ଼ା ବ୍ଲକ କୁରୁଣ୍ଟି ଗ୍ରାମସ୍ଥିତ ସୁଧାକର ସାମନ୍ତସିଂହାର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ୩ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନଙ୍କ ମଧ୍ୟରେ ବଜ୍ର ରେକର୍ଡରେ ସାମିଲ ହୋଇଥିବା କୁରୁଣ୍ଟି ଗ୍ରାମର ସୁବ୍ରତ କୁମାର ସାମଲ, ଜାତୀୟସ୍ତରୀୟ ଟାଏକୋଣ୍ଡୋ ଖେଳାଳି ଶ୍ରେୟାସ ଶକ୍ତିସ୍ମିଥ୍ ଏବଂ ସ୍ମୃତିସ୍ମିତା ସାହୁ ରହିଛନ୍ତି।

ଅତିଥିଭାବେ ବିଶ୍ୱ ମାନବ ଅଧିକାର ସୁରକ୍ଷା ସଙ୍ଗଠନ ଶାଖା ସଭାପତି ରାମଚନ୍ଦ୍ର ରାଉତରାୟ, ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ଅନ୍ତର୍ଯ୍ୟାମୀ ସାମଲ, ଶିକ୍ଷାବିତ୍ ନିରୋଦ କୁମାର ତ୍ରିପାଠୀ, ସରପଞ୍ଚ ନରୋତ୍ତମ ରାଉତ, ଅମରେଶ ରାଉତ, ଶୁଭଦର୍ଶିନୀ ପରିଡ଼ା, ଗ୍ରାମ ଶାନ୍ତି କମିଟି ସଭାପତି ଗୋବିନ୍ଦ ସାହୁ, ବାଉରିବନ୍ଧୁ ପରିଡ଼ା, ବିପିନ ବିହାରୀ ନାୟକ, ବିକଳ ନାୟକ, ଅବସରପ୍ରାପ୍ତ ସେନା କର୍ମଚାରୀ ଚିତ୍ତରଞ୍ଜନ ନାଥ, ବିଆର୍‌ଜି ଷ୍ଟିଲ୍‌ର ମ୍ୟାନେଜର ରାଜୀବ ଗୋପାଳ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କୃତୀପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ବିଶ୍ୱ ମାନବ ଅଧିକାର ସୁରକ୍ଷା ସଙ୍ଗଠନ ଶାଖା ଓ ଆଞ୍ଚଳିକ ପରିବେଶ ଏବଂ ନାଗରିକ ସୁରକ୍ଷା ମଞ୍ଚ ମେରାମଣ୍ଡଳୀ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ‘ଯୁବଗୋଷ୍ଠୀ ଆଶାର କିରଣ’

**ସାତମାଇଲ, ୧୬।୮ (ଡି.ଏନ୍.ଏ.)**

ଭାରତର ସ୍ୱାଧୀନତା ସଂଗ୍ରାମ ଲୁହଲହୁର ସମାହାର। ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ପରେ ଦେଶ ସ୍ୱାଧୀନ ହୋଇଛି। ଏହା ଏକ ବିରାଟ ଉପଲବ୍ଧି। ଅଖଣ୍ଡ ଭାରତର ପରିକଳ୍ପନାକୁ ସାକାର କରିବା ପାଇଁ ଯୁବଗୋଷ୍ଠୀ ଆଶାର କିରଣ। ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ ବୋଲି କହିଛନ୍ତି ହିନ୍ଦୋଳ ବ୍ଲକ ଖଜୁରିଆକଟା ବଜାର କମିଟି ସଭାପତି ଉପେନ୍ଦ୍ର କୁମାର ମାହୁନ୍ତ। ସ୍ଥାନୀୟ ସାହାରା ଇଣ୍ଡିଆ କାର୍ଯ୍ୟାଳୟ ଶାଖା ପରିସରରେ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଶାଖା ପରିଚାଳକ ସୁବ୍ରତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଖଜୁରିଆକଟା ଦଶହରା ପଡ଼ିଆରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଦ୍ୱାରା ଆୟୋଜିତ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ସେସୁ କନିଷ୍ଠ ଯନ୍ତ୍ରୀ ବିଭୂତି ଭୂଷଣ ରଣା, ଓଡ଼ିଶା କୋଠାବାଡ଼ି ନିର୍ମାଣ ଶ୍ରମିକ ସଂଘ କାର୍ଯ୍ୟାଳୟରେ ସଭାପତି ତ୍ରିଲୋଚନ ସେନାପତି ପତାକା ଉତ୍ତୋଳନ କରିଥିଲେ। ସେହିପରି ଅଞ୍ଚଳର ବିଭିନ୍ନ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଛି।

■ଜିଲା ବିଦ୍ୟାଳୟସ୍ତରୀୟ ଫୁଟ୍‌ବଲ

# ମଣ୍ଟଫୋର୍ଟ ସ୍କୁଲ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

**ଢେଙ୍କାନାଳ ଅଫିସ, ୧୬।୮**

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲା ବିଦ୍ୟାଳୟସ୍ତରୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟକୁ ୪–୨ ଗୋଲ୍‌ରେ ପରାସ୍ତ କରି ମଣ୍ଟଫୋର୍ଟ ସ୍କୁଲ ଚାମ୍ପିୟନ ହୋଇଛି।

ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳାଫଳ ପାଇଁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ମଣ୍ଟଫୋର୍ଟ ସ୍କୁଲ ବାଜିମାତ କରିଥିଲା। ମୁଖ୍ୟଅତିଥିଭାବେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଡିଏମ୍ ଭବେଶ କୁମାର ନାୟକ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ାସଂଘ ସମ୍ପାଦକ ନଳିନୀ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫଟୋରେ ଖବର



ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍‌ରେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପୁରସ୍କାର ସହ ଜଣେ ପ୍ରତିଯୋଗୀ।



ଢେଙ୍କାନାଳ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେବାକୁ ଆସିଥିବା ଅବସରରେ କୃଷି ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଗଣେଶ ବଜାରରେ ଶିବାନନ୍ଦ ସାହୁଙ୍କ ଦୋକାନରୁ ବରା ଖାଉଛନ୍ତି।



ଭୁବନ କାପୁଡ଼ିଆ ସମାଜ ପକ୍ଷରୁ ଗୁରୁବାର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରରେ ଆରାଧ୍ୟ ଦେବତା ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଉଛି।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ



**ଭୁବନ, ୧୬।୮ (ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଆନନ୍ଦପୁର ଗ୍ରାମର ଅମ୍ବୁଜ ମଳିକ (୨୬) ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଯୁବତୀ ଜଣକ ଟିପିଲେଇ ହାଟ ଛକକୁ ବୁଧବାର ରାଖୀ କିଣିବାକୁ ଆସିଥିଲେ। ଏହି ସମୟରେ ଅମ୍ବୁଜ ଘରେ ଛାଡ଼ିଦେବାକୁ କହି ତାଙ୍କୁ ଲିଫ୍ଟ ଦେଇଥିଲେ। ଜଙ୍ଗଲିଆ ରାସ୍ତାରେ କେହି ନ ଥିବା ସୁଯୋଗରେ ଅଭିଯୁକ୍ତ ଜଣକ ଯୁବତୀଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତା ଘର ଲୋକଙ୍କୁ ଅବଗତ କରିବା ପରେ ଗୁରୁବାର ଥାନାରେ ଅଭିଯୋଗ କରାଯାଇଥିଲା। ଏ ନେଇ ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ କୁହନ୍ତି, ଅମ୍ବୁଜ ଦୋଷ ସ୍ୱୀକାର କରିବା ପରେ ଉଭୟ ପୀଡ଼ିତା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ଏ ନେଇ ନଂ. ୧୮୫/୧୯, ଦଫା ୩୭୬, ୫୦୬ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

### ନଡ଼ିଆ ଗଛରୁ ପଡ଼ି ଯୁବକ ମୃତ

**ରାସୋଳ, ୧୬।୮ (ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ରାସୋଳ ଥାନା ବୁହାଳିପାଳ ଗ୍ରାମର ନରେଶ ରାଉତ ଶୁକ୍ରବାର ନଡ଼ିଆ ଗଛରୁ ଖସିପଡ଼ି ପ୍ରାଣ ହରାଇଛନ୍ତି। ଅପରାହ୍ନରେ ନରେଶ ନିଜ ବାଡ଼ିରେ ଥିବା ନଡ଼ିଆ ଗଛରେ ଚଢ଼ିଥିବାବେଳେ ଅସାବଧାନତାରୁ ଖସିପଡ଼ିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

### ଜଳିଗଲା ଟ୍ରାନ୍ସଫର୍ମର, ଅନ୍ଧାରରେ ୨୦୦୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା



**ଭୁବନ, ୧୬।୮ (ଡି.ଏନ.ଏ.):** ଭୁବନ ବ୍ଲକ ଦୟାଣାବିଲ ଗ୍ରାମରେ ଥିବା ୩.୧୫ ଏମ୍‌ଭିଏ କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗୁରୁବାର ରାତିରେ ଜଳିଯାଇଛି। ରାତି ପ୍ରାୟ ୧ଟାରେ ହଠାତ୍ ଟ୍ରାନ୍ସଫର୍ମରରେ ନିଆଁ ଲାଗିଯାଇଥିବା ଦେଖି ଅଞ୍ଚଳବାସୀ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ। ସୂଚନା ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପଟେ ଟ୍ରାନ୍ସଫର୍ମର ପୋଡ଼ିଯିବା ପରେ ଏହା ଉପରେ ନିର୍ଭର କରୁଥିବା ଆଖପାଖ ଅଞ୍ଚଳର ୨୦୦୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ଅନ୍ଧାରରେ ରହିଛନ୍ତି। ଏ ନେଇ ମଠକରଗୋଳା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ରାଉତ କୁହନ୍ତି, ସର୍ଟସର୍କିଟ କିମ୍ବା ବୈଷୟିକ ତ୍ରୁଟି କାରଣରୁ ଟ୍ରାନ୍ସଫର୍ମର ଜଳିଯାଇଛି। ଏହାର ମରାମତି କରାଯିବ। ଶୀଘ୍ର ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ କରିବାକୁ ଉଦ୍ୟମ ଚାଲିଥିବା ସେ ସୂଚନା ଦେଇଛନ୍ତି।

### ଚାରା ଲଗାଇଲେ ବିଧାୟିକା

**ରାସୋଳ, ୧୬।୮ (ଡି.ଏନ୍.ଏ.):** ସ୍ୱାଧୀନତା ଦିବସକୁ ଭିନ୍ନ ଢଙ୍ଗରେ ପାଳନ କରିଛି ରାସୋଳ ପଞ୍ଚାୟତ ଅନ୍ତର୍ଗତ ପର୍ଶୁରାମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର। ଶିକ୍ଷାନୁଷ୍ଠାନର ରଜତ ଜୟନ୍ତୀ ସମାରୋହ ଉପଲକ୍ଷେ ଛାତ୍ରୀଛାତ୍ରମାନେ ଚାରାରୋପଣ କରି ପରିବେଶକୁ ସବୁଜଶ୍ୟାମଳ କରିବାକୁ ନେଇଛନ୍ତି ସଂକଳ୍ପ। ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ରାସୋଳ ଥାନା ପରିସରରେ ଗଛ ଲଗାଇଥିଲେ। ସ୍କୁଲ ପରିସରରେ ମଧ୍ୟ ବନୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିଶୁ ମନ୍ଦିରର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ କୁମାର କ୍ଲବ ପକ୍ଷରୁ ହାଟପଡ଼ିଆରେ ଆୟୋଜିତ ସ୍ୱାଧୀନତା ଦିବସ ସମାରୋହରେ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

■ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

# 'ଓଡ଼ିଶା ବିକାଶର ଭୂଖଣ୍ଡ ପାଲଟିଛି'

**ଢେଙ୍କାନାଳ ଅଫିସ, ୧୬।୮**

ତୁଳନାତ୍ମକ ଦୃଷ୍ଟିକୋଣରୁ ଓଡ଼ିଶା ଏବେ ବିକାଶର ଭୂଖଣ୍ଡ ପାଲଟିଛି। ୨୦୦୦ରେ ୫ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗୃହୀତ ହୋଇଥିଲା। ଚଳିତ ବର୍ଷ ଏହା ୬୫ଲକ୍ଷ ମେଟ୍ରିକ ଟନ୍‌କୁ ଛୁଇଁଛି। ଅର୍ଥାତ୍ ଓଡ଼ିଶା ଏବେ ବଳକା ରାଜ୍ୟରେ ପରିଣତ ହୋଇଛି। ଚାଷୀଙ୍କୁ ସମ୍ମାନ ନ ଦେଲେ ସ୍ୱାଧୀନତା ସଂଗ୍ରାମୀଙ୍କ କାହାଣୀ ଅଧୁରା ରହିଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟର ୭୦ ଲକ୍ଷ ଏସ୍‌ଏଚ୍‌ଜି ମହିଳା ଜୀବନ ଜୀବିକାର ରାହା ଦେଖୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ '୫-ଟି' ମହାମନ୍ତ୍ର ବିକାଶ ପର୍ବକୁ ମହାପର୍ବରେ ପରିଣତ କରିଛି। ମହିଳା ଏବଂ ପୁରୁଷ ସମତାଳରେ ଆଗକୁ ବଢ଼ିଲେ ସମାଜ ସମୃଦ୍ଧ ହେବ ବୋଲି କହିଛନ୍ତି କୃଷି ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ। ଢେଙ୍କାନାଳ ଷ୍ଟାଡିୟମରେ ଗୁରୁବାର ଆୟୋଜିତ ୭୩ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ସେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ।



ମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କଠାରୁ ଶହୀଦ ଅଜିତ କୁମାର ସାହୁଙ୍କ ଭାଇ ସମ୍ମାନ ଗ୍ରହଣ କରୁଛନ୍ତି। ନିକଟରେ ଅଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏବଂ ଏସ୍‌ପି ଅନୁପମା ଜେମ୍ସ।

ସାରା ଦେଶରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରାଯାଉଥିବାରୁ ମନ୍ତ୍ରୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମହାତ୍ମା ଗାନ୍ଧୀ ଥିଲେ ଅହିଂସାର ପ୍ରବର୍ତ୍ତକ। ଏବେକାର ସମୟରେ ଦେଶରେ ଅହିଂସା ଓ ଶାନ୍ତିର ଆବଶ୍ୟକତା ରହିଛି। ଢେଙ୍କାନାଳ ହେଉଛି ବୀର ସଂଗ୍ରାମୀଙ୍କ ମାଟି। ଏହି ମାଟିର ୧୨ବର୍ଷର ବାଳକ ଶହୀଦ ବାଜି ରାଉତ ଦେଶ ପାଇଁ ଆତ୍ମବଳିଦାନ ଦେଇ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ଏହାକୁ ସମସ୍ତେ ହୃଦୟଙ୍ଗମ କରି ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ଚଳିତବର୍ଷ ମିଳିତ ପରେଡ୍‌ରେ ୪୧ଦଳ ଅଂଶଗ୍ରହଣ କରିଥିଲେ। ରିଜର୍ଭ ଇନ୍ସପେକ୍ଟର କବିରଞ୍ଜନ ସେଠୀ ପରେଡ ପରିଚାଳନା କରିଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ ଏବଂ ସତ୍ୟନାରାୟଣ କର ଏହାକୁ ସଂଯୋଜନା କରିଥିଲେ। ଅନନ୍ତନାଗ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା କାମାକ୍ଷାନଗର ବଡ଼ସୁଆଁଳ ଗ୍ରାମର ଯବାନ ଅଜିତ କୁମାର ସାହୁଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶହୀଦଙ୍କ ବଡ଼ଭାଇ ଏହି ସମ୍ମାନ ଗ୍ରହଣ କରିଥିଲେ। ସେହିପରି ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶ ସ୍ମୃତି ସମ୍ମାନରେ କିକ୍‌ବକ୍ସର କୀର୍ତ୍ତିରାଣୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାକୁ ବାଦ୍‌ଦେଲେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି, ଅନୁଷ୍ଠାନ ମଧ୍ୟ ପୁରସ୍କୃତ ହୋଇଥିଲେ। ପରେଡରେ ଦିଲ୍ଲୀ ପବ୍ଲିକ ସ୍କୁଲ ଜୁନିୟର ଏନ୍‌ସିସିକୁ ଶ୍ରେଷ୍ଠ ସମର ଶିକ୍ଷାର୍ଥୀ ବାହିନୀ ଦଳ ଭାବେ ସିଲ୍ଡ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବେସାମରିକ ଦଳ ଭାବେ ଆନନ୍ଦମାର୍ଗ ପବ୍ଲିକ ସ୍କୁଲ (ବାଳିକା), ସେଣ୍ଟ ଜାଭିୟର୍ସ ସ୍କୁଲ (ବାଳକ)କୁ ସିଲ୍ଡ ଦିଆଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁଲକ୍ଷଣାଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଶ୍ରେଷ୍ଠ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା।

ସମାରୋହରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଏସ୍‌ପି ଅନୁପମା ଜେମ୍ସଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପରେଡ ଉତ୍ସବ ପରେ ମୁଖ୍ୟଅତିଥି ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳବଣ୍ଟନ କରିଥିଲେ। ପ୍ରାରମ୍ଭରେ ସହରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

■ ମହାପ୍ରଭୁ ବଳରାମଙ୍କ ଜନ୍ମ ଉତ୍ସବ ପାଳିତ

# ଶ୍ରୀଜୀଉଙ୍କ ରାଜରାଜେଶ୍ୱର ବେଶ



ରାଜରାଜେଶ୍ୱର ବେଶରେ ଶ୍ରୀଜୀଉ।

**ଢେଙ୍କାନାଳ ଅଫିସ, ୧୬।୮**

ଢେଙ୍କାନାଳର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀବଳରାମଙ୍କ ଜନ୍ମ ଉତ୍ସବ ଗୁରୁବାର ମହାସମାରୋହରେ ପାଳିତ ହୋଇଯାଇଛି। ଠାକୁରଙ୍କ ରାଜରାଜେଶ୍ୱର ବେଶ ଦର୍ଶନ କରିବାକୁ ଦିନତମାମ ପ୍ରବଳ ଗହଳି ହୋଇଥିଲା।

ବଳରାମ ଜନ୍ମ ଉତ୍ସବ ପାଇଁ ମନ୍ଦିରରେ ସଅଳ ନୀତିକାନ୍ତି ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୮ଟାରୁ ରାତି ୧୦ଟା ଯାଏ ମହାପ୍ରଭୁ ସୁନାବେଶରେ ଦର୍ଶନ ଦେଇଥିଲେ। ଏଥିସହିତ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସକାଳେ ପାରମ୍ପରିକ ନୀତି ଅନୁଯାୟୀ ଯୁବରାଜ ଅମରଜ୍ୟୋତି ସିଂଦେଓ ପରିବାର ସଦସ୍ୟଙ୍କ ସହ ଯାଇ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରିଥିଲେ। ସେହିପରି ସନ୍ଧ୍ୟାରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ଦର୍ଶନ କରିଥିଲେ। ଭବାନୀ ମ୍ୟୁଜିକ୍ ଅନୁଷ୍ଠାନ ପକ୍ଷରୁ ଭଜନ ସମାରୋହ ଆୟୋଜିତ ହୋଇଥିଲା। ଜିଲା ସଂସ୍କୃତି ପରିଷଦ ସଂଯୋଜକ ଅବନୀ ମିଶ୍ର ଏହାକୁ ସଂଯୋଜନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଲକ୍ଷ୍ମୀଧର ରାଉତ, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଆଇନଜୀବୀ ଭାବଗ୍ରାହୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରାତିରେ ମନ୍ଦିର ପରିସରରେ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଲାଗିଲା ୧୦,୩୪୩ ଚାରା



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଚାରପତି ଏବଂ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୬।୮**

**ପରିବେଶ ସୁରକ୍ଷା ଚିନ୍ତା**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପରିବେଶ ସୁରକ୍ଷା ବାର୍ତ୍ତା ନେଇ ଆରମ୍ଭ ହୋଇଛି ଚାରାରୋପଣ କାର୍ଯ୍ୟକ୍ରମ। ସ୍ୱାଧୀନତା ଦିବସ ଅବସରରେ ଗୁରୁବାର ବିଭିନ୍ନ ସ୍ଥାନରେ ୧୦,୩୪୩ଟି ଗଛ ଲଗାଯାଇଛି। ତାପମାତ୍ରା ହ୍ରାସ, ପ୍ରଦୂଷଣ ମୁକ୍ତ ପରିବେଶ ସୃଷ୍ଟି ଲକ୍ଷ୍ୟ ନେଇ ବିଭିନ୍ନ ଅଦାଲତର ବିଚାରପତି, କର୍ମଚାରୀ, ପାରାଲିଗାଲ ସ୍ୱେଚ୍ଛାସେବୀ, ଆଇନ ସାକ୍ଷରତା ସଂଘ ସଦସ୍ୟଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ହୋଇଥିଲେ। ସଦର ବ୍ଲକ ମାଣିଆବନ୍ଧ, ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ଜିଲାର ବିଭିନ୍ନ ସ୍ଥାନରେ ଗଛ ଲଗାଯାଇଥିଲା।

ଜିଲା ଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ମଳୟ ରଞ୍ଜନ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୁକ୍ତିରଞ୍ଜନ ଶତପଥୀ, ଲୋକ ଅଦାଲତ ଅଧ୍ୟକ୍ଷ ବିରଞ୍ଚି କୁମାର ରଥ, ଏଡିଜେ ପ୍ରତିମା ପଣ୍ଡା, ରାଜକୁମାର ମହାପାତ୍ର, ସିଭିଲ କୋର୍ଟ ରେଜିଷ୍ଟ୍ରାର ସଞ୍ଜିତ ବେହେରା, ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ, ଦେୱାନୀ ବିଚାରପତି ଅଳ୍ପନା ସ୍ୱାଇଁ, ସୁଜାତା ପ୍ରିୟମ୍ବଦା ସ୍ୱାଇଁ, ଗୀତାଞ୍ଜଳି ନନ୍ଦ, ଏସ୍‌ଡିଜେଏମ୍ ଅଭିଜିତ୍ କୁମାର ପୁରୋହିତ, ଜେଏମ୍‌ଏଫ୍‌ସି ସୁଶାନ୍ତ କୁମାର ନାୟକଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ଚାରା ଲଗାଇଥିଲେ। ଡିଏଫ୍‌ଓ ସୁଦର୍ଶନ ପାତ୍ର, ରେଞ୍ଜର ମୁନାୱର ଖାଁ, ଫରେଷ୍ଟର ହିମାଂଶୁ ପୃଷ୍ଟି ପ୍ରମୁଖ ଏଥିରେ ସହାୟତା କରିଥିଲେ।

### ବିଶ୍ୱ ହାତୀ ଦିବସ ପାଳିତ

**ଢେଙ୍କାନାଳ ଅଫିସ, ୧୬।୮**

ଭାପୁର ପଞ୍ଚାୟତ ଟେଶୁଆ ଗ୍ରାମରେ ଶୁକ୍ରବାର ବିଶ୍ୱ ହାତୀ ଦିବସ ପାଳିତ ହୋଇଯାଇଛି। ଟେଶୁଆ ଗ୍ରାମ କମିଟି ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆୱାର୍ଡ'ର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରାମ୍ୟ କମିଟି ସଭାପତି ରାଜକିଶୋର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ହାତୀ-ମଣିଷ ସଂଘର୍ଷର କାରଣ ଏବଂ ଏହାର ପ୍ରତିକାର ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ୟଜନ୍ତୁଙ୍କ ସୁରକ୍ଷା ଲାଗି ଆଗେଇ ଆସିବାକୁ 'ଆୱାର୍ଡ'ର ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ଗ୍ରାମବାସୀଙ୍କୁ ଆହ୍ୱାନ ଦେଇଥିଲେ। ୱାଇଲ୍ଡ ଲାଇଫ୍ ଆଣ୍ଡ୍ ସ୍ନେକ୍ ରେସକ୍ୟୁ ଟିମ୍‌ର ସୁଜିତ ନନ୍ଦ ଓ ସୌମ୍ୟଜିତ୍ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୀପୁ ଖଟୁଆ, ସୌମ୍ୟରଞ୍ଜନ ଖଟୁଆ, ଦେବରାଜ ମହାପାତ୍ର, ରାଜେଶ ନାୟକ, ସୌମ୍ୟରଞ୍ଜନ ଦାସ, ସଚ୍ଚିଦାନନ୍ଦ ସାହୁ, ଲଛମନ ସାହୁ, ଫକୀର ମୋହନ ସାହୁ, ରଣଜିତ ପ୍ରଧାନ, ପ୍ରଫୁଲ୍ଲ ନାୟକ, ଖତି ପରିଡା, ଅରୂପ ସାହୁ, ଲମ୍ବୋଦର ପରିଡ଼ା, ତ୍ରିଲୋଚନ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରାଦ୍ଧବାର୍ଷିକୀରେ ମନେପଡ଼ିଲେ ବାଜପେୟୀ



ବାଜପେୟୀଙ୍କ ତିରୋଧାନ ଦିବସରେ ଭାଜପାର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧୬।୮**

ଢେଙ୍କାନାଳ ଜିଲା ଭାଜପା ଜିଲା କାର୍ଯ୍ୟାଳୟରେ ଶୁକ୍ରବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ନୀରୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ବାଜପେୟୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବରିଷ୍ଠ ସଦସ୍ୟ ରୁଦ୍ର ନାରାୟଣ ପାଣି, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ଉପସଭାପତି ନବକିଶୋର ଗୁରୁ, ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା ପ୍ରମୁଖ ବାଜପାୟୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ରପ୍ରତି ସମର୍ପିତ ରହି କାର୍ଯ୍ୟ କରିବାକୁ ଦଳୀୟ ନେତୃବୃନ୍ଦ ପରାମର୍ଶ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନରେଶ ଚନ୍ଦ୍ର ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

■ କଳ୍ପନା ଦାଶଙ୍କ ସ୍ମୃତିରକ୍ଷା ପାଇଁ ଅଭିନବ ପ୍ରୟାସ

# ଢେଙ୍କାନାଳରୁ ଭୁବନେଶ୍ୱର ଦୌଡ଼ିଲେ ସିଦ୍ଧାର୍ଥ




ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୬।୮**

ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଢେଙ୍କାନାଳରୁ ଭୁବନେଶ୍ୱର ଦୌଡ଼ିଛନ୍ତି ସିଦ୍ଧାର୍ଥଶଙ୍କର ଦାସ। ଭାରତୀୟ ସେନାବାହିନୀରେ କାର୍ଯ୍ୟରତ ସିଦ୍ଧାର୍ଥ ସ୍ୱାଧୀନତା ଦିବସ ଉପଲକ୍ଷେ ଗୁରୁବାର ପୂର୍ବାହ୍ନ ୮ଟା ୧୫ରେ ଜିଲା କାର୍ଯ୍ୟାଳୟ ପରିସରରୁ ଦୌଡ଼ିବା ଆରମ୍ଭ କରିଥିଲେ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ସଂସ୍କୃତି ପରିଷଦ ସଂଯୋଜକ ଅବନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସିଦ୍ଧାର୍ଥ ସନ୍ଧ୍ୟା ୭ଟା ୩ରେ ଭୁବନେଶ୍ୱର ଇନ୍‌ଡୋର ହଲ୍‌ରେ ପହଞ୍ଚିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବାସ୍କେଟବଲ୍ ଆସୋସିଏଶନ ଏବଂ ଢେଙ୍କାନାଳ ସାଂସ୍କୃତିକ ପରିଷଦ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜନାରାୟଣ ତ୍ରିପାଠୀ, ପ୍ରେମାନନ୍ଦ ବିଶ୍ୱାଳ, ସାଇପ୍ରସାଦ ଦାସ ଏହି ଦୌଡ଼ରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭୁବନେଶ୍ୱରର ଏକ ପ୍ରମୁଖ ରାସ୍ତାକୁ କଳ୍ପନାଙ୍କ ନାମରେ ନାମିତ କରିବାକୁ ସିଦ୍ଧାର୍ଥ ପ୍ରଶାସନକୁ ଅନୁରୋଧ କରିଛନ୍ତି। ନିଜର ପ୍ରତିକ୍ରିୟାରେ ସେ କୁହନ୍ତି, କଳ୍ପନା ଦାଶଙ୍କ ସ୍ମୃତିରକ୍ଷା ପାଇଁ ଏହା ଏକ ଛୋଟିଆ ପ୍ରୟାସ। ଚଳିତ ବର୍ଷ ୧୦୦ ଦିନରେ ୫୮୦୦ କିମିକୁ ୭୬୩ ଘଣ୍ଟାରେ ଦୌଡ଼ି ବିଶ୍ୱରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସେ ସୂଚନା ଦେଇଛନ୍ତି।

■ ନିର୍ମାଣାଧୀନ ରେଲୱେ ଟ୍ରାକ୍ ଖାତରେ ପଡ଼ି ଛେଳି ଚରାଳି ମୃତ

# ରାସ୍ତାରୋକୋ, ଉତ୍ତେଜନା

**ପରଜଙ୍ଗ, ୧୬।୮ (ଡି.ଏନ.ଏ.)**



ଅନୁଗୋଳ-ଡୁବୁରି ରେଲୱେ ଟ୍ରାକ୍ ନିର୍ମାଣ ପାଇଁ ଖୋଳାଯାଇଥିବା ଖାତରେ ଖସିପଡ଼ି ଜଣେ ଛେଳିଚରାଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପରଜଙ୍ଗ ଥାନା ବାରିହାପୁର ଗ୍ରାମର ଆଦିତ୍ୟ ପରିଡ଼ା (୩୦)। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ଏହାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନାଯୋଗ୍ୟ, ବାରିହାପୁର ଗ୍ରାମ ଦେଇ ଅନୁଗୋଳ-ଡୁବୁରି ରେଳପଥ ନିର୍ମାଣ କାର୍ଯ୍ୟ ଚାଲିଛି। ବାରିହାପୁର ଗାଁ ନିକଟରେ ଅଧିକ ଉଚ୍ଚା ହୋଇଥିବାରୁ ପ୍ରାୟ ୪୦ ଫୁଟ ଗଭୀରର ମାଟି ଖୋଳାଯାଇଛି। ଏବେ ଉକ୍ତ ସ୍ଥାନରେ ୨୦ ଫୁଟ ପାଣି ଜମି ରହିଛି। ଅନ୍ୟପଟେ ବିପଦ ଆଶଙ୍କା ଥିବା ସତ୍ତ୍ୱେ ଉଭୟ ପାର୍ଶ୍ୱରେ କୌଣସି ସୁରକ୍ଷା ବାଡ଼ ଦିଆଯାଇନାହିଁ। ଉକ୍ତ ରାସ୍ତା ଦେଇ ଆଦିତ୍ୟ ଛେଳି ଚରାଇବାକୁ ଯାଉଥିବାବେଳେ ଗୋଡ଼ ଖସିଯିବାରୁ ପାଣିରେ ଖସିପଡ଼ିଥିଲା। ଘଟଣାସ୍ଥଳରେ ଉପସ୍ଥିତ ଲୋକଙ୍କ ଉଦ୍ୟମ ସତ୍ତ୍ୱେ ତାଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇ ନ ଥିଲା। ସୂଚନା ପାଇ ପରଜଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆଦିତ୍ୟଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

**■ ଗର୍ତ୍ତରେ ଭର୍ତ୍ତି ହୋଇଛି ୨୦ ଫୁଟ ପାଣି**

**■ ଉଭୟ ପାର୍ଶ୍ୱରେ ସୁରକ୍ଷା ପାଚେରି ନିର୍ମାଣ ଦାବି**

ତେବେ ବ୍ୟବଚ୍ଛେଦ ପାଇଁ ଡାକ୍ତର ନ ଥିବାରୁ ଚାପା ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ସମ୍ପର୍କୀୟମାନେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ଡାକ୍ତର ପହଞ୍ଚିବା ପରେ ରାସ୍ତାରୋକୋ ହଟିଥିଲା। ଯୁବକଙ୍କ ମୃତଦେହ ଗ୍ରାମକୁ ଅଣାଯିବା ପରେ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ରେଲୱେ କ୍ୟାମ୍ପ ସମ୍ମୁଖରେ ଧାରଣାରେ ବସିଥିଲେ। ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ପ୍ରଦାନ ଏବଂ ଖୋଳାଯାଇଥିବା ସ୍ଥାନର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ତିଆରି କରିବାକୁ ଦାବି କରି ନାରାବାଜି କରିଥିଲେ। ତଥାପି ରେଲୱେର କୌଣସି କର୍ମଚାରୀ ଆଲୋଚନା କରିବାକୁ ଆସି ନ ଥିଲେ। ଫଳରେ ପରିସ୍ଥିତି ଆହୁରି ଜଟିଳ ହୋଇପଡ଼ିଥିଲା। ଅପରାହ୍ନରେ ଲୋକମାନେ କ୍ୟାମ୍ପ ସମ୍ମୁଖରୁ ଉଠିଯାଇ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ତହସିଲଦାର ଜୟନ୍ତ କୁମାର ଜୟସିଂ, ଥାନା ଅଧିକାରୀ ଆନନ୍ଦ ଡୁଙ୍ଗଡୁଙ୍ଗ୍ ପହଞ୍ଚି ବୁଝାସୁଝା କରିଥିଲେ। ରେଲୱେ ଟ୍ରାକ୍ ନିର୍ମାଣରେ ନିୟୋଜିତ ସଂସ୍ଥାର କର୍ମଚାରୀ ପହଞ୍ଚି ଆଦିତ୍ୟଙ୍କ ସ୍ତ୍ରୀଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏଥିସହ କମ୍ପାନୀ କାର୍ଯ୍ୟ କରୁଥିବା ଯାଏ ମାସିକ ୮ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ଅଗଷ୍ଟ ୧୭ /୨୦୧୯ Dhenkanal, Saturday, August 17 / 2019


## ସଂକ୍ଷେପରେ

### ସ୍ୱତନ୍ତ୍ର କାରାଗାରରେ ରକ୍ଷାବନ୍ଧନ

ତାଳଚେର,୧୬।୮(ନି.ପ୍ର.)- ତାଳଚେର ୱାର୍କିଂ ଜର୍ନାଲିଷ୍ଟ ଆସୋସିଏଶନ ପକ୍ଷରୁ ସ୍ୱତନ୍ତ୍ର କାରାଗାରରେ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଥିଲା। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ସଂଘ ସଭାପତି ଧୀରମୋହନ ରାୟ ଅନ୍ତେବାସୀଙ୍କୁ ଉଦ୍‌ବୋଧନ ଦେଇ ମୁକ୍ତ ହେବା ପରେ ବିଭିନ୍ନ ଜନହିତକର କାର୍ଯ୍ୟରେ ନିଜକୁ ସାମିଲ କରିବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ତାଳଚେର ଥାନା ଆଇଆଇସି ସୌଭାଗ୍ୟ କୁମାର ସ୍ୱାଇଁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ଉପକାରାଗାର ଅଧକ୍ଷା ସୁଚିତ୍ରା ଦାସ ଅଧକ୍ଷତା କରିଥିଲେ। ପରେ ଆସୋସିଏଶନ ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟରେ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ସେହିପରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଉପସଭାପତି ଅଜୟ କୁମାର ନାୟକ, ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ, ସହ ସମ୍ପାଦକ ରୁଦ୍ରମୋହନ ଗଡ଼ନାୟକ, କୋଷାଧକ୍ଷ ସଞ୍ଜୟ କୁମାର ଦଳେଇ ପ୍ରମୁଖ ସାମିଲ ହୋଇଥିଲେ।

### ଶ୍ରାଦ୍ଧ ଦିବସରେ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି



ଅନୁଗୋଳ ଅଫିସ, ୧୬।୮- ଭାଜପା ଅନୁଗୋଳ ନଗରମଣ୍ଡଳ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଥମ ପୂଣ୍ୟତିଥି ପାଳିତ ହୋଇଯାଇଛି। ଦଳୀୟ ନେତା ପ୍ରତାପ ଚନ୍ଦ୍ର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ସୁଷମା ବେହେରା, ସୁଜାତା ଦାସ, ନଗର ସଭାପତି ନମିତା ଦଳବେହେରା, ବିପିନ ପତି, ମହିଳା ମୋର୍ଚ୍ଚା ଜିଲା ସଭାପତି ବସନ୍ତମଞ୍ଜରୀ ପ୍ରଧାନ, ମଞ୍ଜୁଲତା ସାହୁ, ନରୋତ୍ତମ ସାହୁ, ସରିତା ମିଶ୍ର, ରାଜୁ ଅଗ୍ରୱାଲା, ଶୁଚିସ୍ମିତା ତ୍ରିପାଠୀ, ପ୍ରଦୀପ ବିଶ୍ୱାଳ, ସିଜେନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

■ରାଜପଥ, ପାରିପାର୍ଶ୍ୱିକ ରାସ୍ତା ହେଲାଣି ମରଣଯନ୍ତା

# ଏନ୍‌ଏଚ୍‌ଏଆଇ, ନାଲ୍‌କୋ ଉପରେ ବର୍ଷିଲେ ଏମ୍‌ପି

ଅନୁଗୋଳ ଅଫିସ, ୧୬।୮

ଅନୁଗୋଳ ଓ ଢେଙ୍କାନାଳ ଜିଲା ମଧ୍ୟ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ ଅନେକ ସ୍ଥାନରେ ବିପଦଶଙ୍କୁଳ ଅବସ୍ଥାରେ ଅଛି। ଏଥିଯୋଗୁ ଦୁର୍ଘଟଣାମାନ ଘଟି ବହୁ ଧନ ଜୀବନ ନଷ୍ଟ ହେଉଥିଲେ ବି ରାଜପଥ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଅଭିଯୋଗ କରିଛନ୍ତି। ସେହିପରି ପ୍ରକଳ୍ପ ପାରିପାର୍ଶ୍ୱିକ ଅଞ୍ଚଳର ରାସ୍ତା ଶୋଚନୀୟ ଅବସ୍ଥାରେ ଥିବା ସତ୍ତ୍ୱେ ନାଲ୍‌କୋ କର୍ତ୍ତୃପକ୍ଷ ମରାମତି କାର୍ଯ୍ୟ କରୁ ନ ଥିବା କହିବା ସହ ଏମ୍‌ପି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଢେଙ୍କାନାଳ ଏମ୍‌ପିଙ୍କ ସମେତ ଅନ୍ୟମାନେ।

ଅନୁଗୋଳ ସର୍କିଟ ହାଉସ ଠାରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଏମ୍‌ପି ସାହୁ କହିଛନ୍ତି ଯେ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଢେଙ୍କାନାଳ ଓ ଅନୁଗୋଳବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜପଥର ଅନେକ ସ୍ଥାନ ସଂକୀର୍ଣ୍ଣ, ଖାଲଖମା ହୋଇଯାଇଛି। ଡ୍ରେନେଜ୍ ସୁବିଧା ନ ଥିବାରୁ ପାର୍ଶ୍ୱ ଖାଲରେ ଏକ ଫୁଟରୁ ୩ ଫୁଟ ପର୍ଯ୍ୟନ୍ତ ବର୍ଷା ପାଣି ଜମି ରହୁଥିବାରୁ ଯାନବାହାନ ଗୁଡ଼ିକର ଯାନ୍ତ୍ରିକ ତ୍ରୁଟି ଦେଖାଦେଉଛି। ଫଳରେ ଅଯଥାରେ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କରୁଥିବା କମ୍ପାନୀ ମନ୍ଥର ଓ ନିମ୍ନମାନର କାର୍ଯ୍ୟ କରୁଥିଲେ ମଧ୍ୟ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି। ନୂଆହତାଠାରୁ ଗଡ଼ସନ୍ତ୍ରୀ ଦେଇ କାଙ୍ଗୁଲା ବେନ୍ତପୁର, ଖମାର, ଛେଳିଆପଡ଼ା, ଶରଧାପୁର, ପଞ୍ଚମହଲା, ଚନ୍ଦ୍ରବାହାଳ ପର୍ଯ୍ୟନ୍ତ ବାଇପାସ୍ କାର୍ଯ୍ୟ ତ୍ୱରାନ୍ୱିତ ହେଉନାହିଁ। ସେହିପରି ନୂଆହତା ଠାରୁ ବଅଁରପାଳ, ନାଲ୍‌କୋ, ବଡ଼କେରା ପର୍ଯ୍ୟନ୍ତ ରାସ୍ତାକୁ ଏନ୍‌ଏଚ୍‌ଏଆଇ ଆର୍‌ଆଣ୍ଡବିକୁ ହସ୍ତାନ୍ତର କରିବାକୁ ଦାବି ହେଉଛି। ଅପରପକ୍ଷରେ ନାଲ୍‌କୋ ସ୍ମେଲଟର କାରଖାନା ଚତୁଃପାର୍ଶ୍ୱରେ ଥିବା ପଞ୍ଚାୟତଗୁଡ଼ିକ ରାସ୍ତା ଶୋଚନୀୟ ଅବସ୍ଥାରେ ଥିବାବେଳେ ନାଲ୍‌କୋ ଭଳି ଏକ ଲାଭଜନକ ସଂସ୍ଥା ନୀରବଦ୍ରଷ୍ଟା ସାଜିଥିବାରୁ ଏମ୍‌ପି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ ଓ ଏଲ୍‌ଏପିମାନଙ୍କୁ କାରଖାନାରେ ନିଯୁକ୍ତି ଦେବା ପାଇଁ ଏମ୍‌ପିଙ୍କ ସହ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପାଲଲହଡ଼ା ବିଧାୟକ ମୁକେଶ ପାଲ ଓ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ମୀନକେତନ ଅମାନ୍ତ ପ୍ରମୁଖ ଦାବି କରିଛନ୍ତି। ଏ ଦିଗରେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଜାତୀୟ ରାଜପଥ ବିଭାଗ ଓ ନାଲ୍‌କୋ କର୍ତ୍ତୃପକ୍ଷ ପଦକ୍ଷେପ ନ ନେଲେ ଜନ ଆନ୍ଦୋଳନ ହେବ ବୋଲି ଏମ୍‌ପି ସାହୁ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅମାନ୍ତ, ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ, ଅନୁଗୋଳ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଅନୁଗୋଳ ବ୍ଲକ ବିଜେଡି ସଭାପତି ଦୁର୍ଗାଚରଣ ପ୍ରଧାନ, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଜାନୁୟାରୀରେ ଚୂଡ଼ାନ୍ତ ଭୋଟର ତାଲିକା

ଅନୁଗୋଳ ଅଫିସ, ୧୬।୮

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ମାସ ୧୫ ତାରିଖରୁ ସମଗ୍ର ଜିଲାରେ ଆରମ୍ଭ କରାଯାଇ ଚିଠା ଭୋଟର ତାଲକା ପ୍ରକାଶ ପାଇବ। ଏଥିପାଇଁ ଗତ ୧୪ ତାରିଖରେ ସମସ୍ତ ରାଜନୈତିକ ଦଳଙ୍କୁ ନେଇ ଏକ ବୈଠକ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଙ୍କ କୋର୍ଟ ରୁମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଭୋଟର ସତ୍ୟପ୍ରମାଣ କାର୍ଯ୍ୟକ୍ରମ ସେପ୍ଟେମ୍ବର ୧ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବଧି ମଧ୍ୟରେ ମତଦାତାମାନେ ଭୋଟର ହେଲ୍‌ପ ଲାଇନ ଆପ୍, ଏନ୍‌ଭିଏସ୍‌ପି ପୋର୍ଟାଲ, ସିଏସ୍‌ସିଏସ୍ କିମ୍ବା ଇଲେକ୍ଟୋରାଲ ଅଫିସରଙ୍କ କାର୍ଯ୍ୟାଳୟରେ ଖୋଲାଯାଇଥିବା ଭୋଟର ସହାୟତା କେନ୍ଦ୍ରରୁ ଆବଶ୍ୟକ ସହାୟତା ନେଇପାରିବେ। ବୁଥ୍‌ସ୍ତରୀୟ ଅଧିକାରୀମାନେ ଆସନ୍ତା ୧୭, ୧୮, ୨୪ ଓ ୨୫ ତାରିଖରେ ପୋଲିଂ ଷ୍ଟେଶନ (ବୁଥ୍)ରେ ଉପସ୍ଥିତ ରହି ଭୋଟରମାନଙ୍କ ପାସପୋର୍ଟ, ଡ୍ରାଇଭିଂ ଲାଇସେନ୍ସ, ଆଧାର କାର୍ଡ, ରାଶନ କାର୍ଡ ଆଦି ପ୍ରମାଣ ଯାଞ୍ଚ କରିବେ। ସେପ୍ଟେମ୍ବର ୧ରୁ ୩୦ ତାରିଖ ଯାଏ ବୁଥ୍ ଲେଭଲ ଅଫିସରମାନେ ଘରକୁ ଘର ବୁଲି ଭୋଟର ତାଲିକାରେ ଥିବା ତଥ୍ୟର ସଠିକତା ଯାଞ୍ଚ କରିବେ। ସଂଶୋଧନ ସଂକ୍ରାନ୍ତୀୟ ତଥ୍ୟ ଜାଣିବା ପାଇଁ ଦେୟମୁକ୍ତ ନମ୍ବର ୧୯୫୦ରେ ରଖାଯାଇଥିବା ବେଳେ ଆପତ୍ତି ଅଭିଯୋଗ ଗ୍ରହଣ କରିବାର ଅବଧି ଅକ୍ଟୋବର ୧୫ ରୁ ନଭେମ୍ବର ୩୦ ରହିଛି। ଚୂଡ଼ାନ୍ତ ଭୋଟର ତାଲିକା ୨୦୨୦ ଜାନୁୟାରୀ ୧ ରୁ ୧୫ ମଧ୍ୟରେ ପ୍ରକାଶ କରାଯିବା ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଡେପୁଟି କଲେକ୍ଟର ଲମ୍ବୋଦର ମାରାଣ୍ଡି ଓ ଜିଲା ସଂସ୍କୃତି ଅଧିକାରୀ ଜଗଦୀଶ ରାୟ, ବିଜୁ ଜନତା ଦଳର ପ୍ରିୟଦର୍ଶୀ ପଟ୍ଟନାୟକ, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆର ଉମେଶ ଚନ୍ଦ୍ର ପଣ୍ଡା ଓ ବହୁଜନ ସମାଜ ପାର୍ଟିରୁ କୁମୁଦ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ନବୋଦୟ ବିଦ୍ୟାଳୟରେ ମେହେର ଜୟନ୍ତୀ

ବନ୍ତଳା, ୧୬।୮ (ଡି.ଏନ୍.ଏ.)

ଚମ୍ପତିମୁଣ୍ଡା ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ଓ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ରପ୍ରସାଦ ସାହୁ ପତାକା ଉତ୍ତୋଳନ କରିଥିଲେ। ଅପରାହ୍ନରେ ବିଦ୍ୟାଳୟ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ, ଉପାଧ୍ୟକ୍ଷା, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ବିଭିନ୍ନ ସଦନର କ୍ୟାପ୍‌ଟେନମାନେ ଗଙ୍ଗାଧର ମେହେରାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସଙ୍ଗୀତ ଶିକ୍ଷୟିତ୍ରୀ ନୀଳିମା ରାଉତ, ହିନ୍ଦୀ ଶିକ୍ଷକ ପ୍ରଶାନ୍ତ ମିଶ୍ର, ପ୍ରସନ୍ନ କୁମାର ବାରିକ ଉପସ୍ଥିତ ଥିଲେ।

## ଉପସ୍ଥାନକୁ ନେଇ ପୌର କାର୍ଯ୍ୟାଳୟରେ ବିବାଦ



ପୌରନିର୍ବାହୀ ଯନ୍ତ୍ରୀ କର୍ମଚାରୀଙ୍କ ଉପସ୍ଥାନ ଖାତାରେ ଛକି ମାରିଛନ୍ତି।

ଅନୁଗୋଳ ଅଫିସ, ୧୬।୮

ଅନୁଗୋଳ ପୌରପାଳିକାରେ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ କର୍ମଚାରୀଙ୍କ ଉପସ୍ଥାନ ନେଇ ଏକ ବିବାଦୀୟ ସ୍ଥିତି ଉପୁଜିଥିଲା। ପୌର ନିର୍ବାହୀ ଅଧିକାରୀ ସକାଳ ୭.୩୦ ସୁଦ୍ଧା ସମସ୍ତ କର୍ମଚାରୀ ଉପସ୍ଥିତ ରହିବାକୁ ନୋଟିସ ଜାରି କରିଥିଲେ। କର୍ମଚାରୀମାନେ ମଧ୍ୟ ୭.୨୦ ମଧ୍ୟରେ ପହଞ୍ଚି ଯାଇଥିଲେ। କିନ୍ତୁ କର୍ମଚାରୀଙ୍କ ଉପସ୍ଥାନ ଖାତାରେ ପୌରନିର୍ବାହୀ ଯନ୍ତ୍ରୀ ଅନୁପସ୍ଥିତ ଦର୍ଶାଇବା ବା ଛକି ଚିହ୍ନ ମାରିଥିଲେ। ଯାହାକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ପୌର କର୍ମଚାରୀମାନେ ନିର୍ବାହୀ ଅଧିକାରୀଙ୍କ ସହ ଯୁକ୍ତିତର୍କ କରିଥିଲେ। ସ୍ୱତନ୍ତ୍ର ଦିନ ଗୁଡ଼ିକରେ ଉପସ୍ଥାପନ ଖାତାରେ ଉକ୍ତ ଦିନ ଲେଖାଯାଇଥାଏ। କିନ୍ତୁ ଛକି କାହିଁକି ମରାଗଲା ବୋଲି କର୍ମଚାରୀମାନେ ପ୍ରଶ୍ନ କରିବା ସହ ପତାକା ଉତ୍ତୋଳନ ପରେ ସମସ୍ତେ ଚାଲି ଯାଇଥିଲେ। ଏ ନେଇ ପୌର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନାଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ।






# ସ୍ୱାଧୀନତା ଦିବସରେ ସଂଗ୍ରାମୀଙ୍କ ସ୍ମୃତିଚାରଣ

ତାଳଚେର/ପାଲଲହଡ଼ା/ମାଧପୁର/ପବିତ୍ରନଗର/ ଆଠମଲ୍ଲିକ / କଣିହାଁ/ବଇଣ୍ଡା/ଛେଣ୍ଡିପଦା,୧୬।୮

ତାଳଚେର ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ସ୍ଥାନୀୟ କଲେଜ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଜାତୀୟ ପତାକା ଉତ୍ତୋଳନ କରି ସମବେତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ପୂର୍ବସୁରୀଙ୍କୁ ମନେପକାଇବା ସହ ବିଭିନ୍ନ ଜନହିତକର କାମ ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ବିଡିଓ ନେତ୍ରାନନ୍ଦ ମଲିକ ଓ ଅନ୍ୟମାନେ ଯୋଗ ଦେଇଥିଲେ। ତାଳଚେର ସବ୍‌ଜେଲ ଓ ଉପଖଣ୍ଡ ଡାକ୍ତରଖାନାରେ ଫଳ ବଣ୍ଟନ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ତାଳଚେର ବ୍ଲକ କଳମଛୁଇଁ ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାରରେ ଶିକ୍ଷାବିତ୍ ଦଣ୍ଡଧର ପ୍ରଧାନ ପତାକା ଉତୋଳନ କରିଥିଲେ। ସେହିପରି କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଳମଛୁଇଁ ସମବାୟ ସମିତି କାର୍ଯ୍ୟାଳୟ, ହିଙ୍ଗୁଳା ନୋଡାଲ ହାଇସ୍କୁଲ, ହିଙ୍ଗୁଳା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ସାଉଥବଲଣ୍ଡାସ୍ଥିତ ଏନ.ଏଲ୍.ସ୍କୁଲରେ ପତାକା ଉତ୍ତୋଳନ କରାଯାଇଥିଲା। ସେହିପରି ପାଲଲହଡ଼ା ଷ୍ଟାଡିୟମଠାରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ଅଜିତ କୁମାର ପ୍ରଧାନ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଅପରାହ୍ନରେ ଉପଖଣ୍ଡ କ୍ରୀଡ଼ାସଂସଦ ଦ୍ୱାରା ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ମୁକେଶ କୁମାର ପାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଆଠମଲ୍ଲିକ ବ୍ଲକ ମାଧପୁର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦେବରାଜ ନାୟକ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଥିଲା। ମାଧପୁର କ୍ରୀଡ଼ା ସଂସଦ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ଆଞ୍ଚଳିକ ସ୍ୱାଧୀନତା ଦିବସ ପାଳନ କମିଟି ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଆଠମଲ୍ଲିକ ସଦର ମହକୁମାରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଆନ୍ତଃସ୍କୁଲ ଓ କଲେଜସ୍ତରୀୟ କୃତୀ ପ୍ରତିଯୋଗୀଙ୍କ ସମେତ ସର୍ବଭାରତୀୟ ସ୍ତରରେ ନାଇଜର ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଅବିନାଶ ମହାନନ୍ଦିଆଙ୍କୁ ପୁରସ୍କୃତ କରାଯାଇଥିଲା। ବନଖଣ୍ଡ ଅଧିକାରୀ ସମ୍ୟକ ସାମନ୍ତରା, ତହସିଲଦାର ବାସୁଦେବ ମହାପାତ୍ର, ଉପଖଣ୍ଡ ଚିକିତ୍ସା ଅଧିକାରୀ କସ୍ତୁରୀ ମିଶ୍ର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସେକ୍ ଅବଦୁଲ୍ କରିମ୍, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ସହକାରୀ ଜିଲାପାଳ ନାରାୟଣ ମହାପାତ୍ର, ଆଠମଲ୍ଲିକ ଥାନା ଆରକ୍ଷୀ ନିରୀକ୍ଷକ ପ୍ରିୟବ୍ରତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସର୍ବେଶ୍ୱର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଣିହାଁ ବ୍ଲକ ସଦର ମହକୁମାଠାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ପବିତ୍ରନଗର ହାଇସ୍କୁଲଠାରେ ବ୍ଲକ ଅଧ୍ୟକ୍ଷା ନମିତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ସେହିପରି କିଶୋରନଗର ବରପଡ଼ିଆଠାରେ ଗୁରୁବାର ସ୍ୱାଧୀନତା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, କିଶୋରନଗର ବିଡ଼ିଓ ଅମୃତା ପ୍ରିୟମ୍ବଦା ଯୋଗ ଦେଇଥିଲେ। ଏଥିସହ ବଇଣ୍ଡା ରାମଦେଓ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସରପଞ୍ଚ ଜଳଧର ସାହୁ, ଧରଣୀଧର ପବ୍ଲିକ ସ୍କୁଲରେ ରଣଜିତ ପଟ୍ଟନାୟକ, ଶିଶୁମନ୍ଦିରରେ ବିରଞ୍ଚି ନାୟକ, ଜନତା କଲେଜରେ ଅଧ୍ୟକ୍ଷ ବିପିନ ବିହାରୀ ପ୍ରଧାନ, ଅଙ୍ଗପଡ଼ା କଲେଜରେ ଅଧ୍ୟକ୍ଷ ବଳରାମ ପ୍ରଧାନ, ମହର୍ଷି ବିଦ୍ୟାମନ୍ଦିରରେ ଅଧ୍ୟକ୍ଷ ସ୍ୱପ୍ନେଶ୍ୱର ସାହୁ, କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟରେ ଦୋଳ ମହାଳିକ ପତାକା ଉତ୍ତୋଳନ କରିଥିଲେ। ସେହିପରି ଛେଣ୍ଡିପଦା ବ୍ଲକ ମିନି ଷ୍ଟାଡିୟମଠାରେ ବିଧାୟକ ସୁଶନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପାତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ଅନ୍ୟମାନଙ୍କୁ ପୁରସ୍କୃତ କରାଯାଇଥିଲା।







▲ତାଳଚେରରେ ଅତିଥି ପତାକା ଉତ୍ତୋଳନ କରୁଛନ୍ତି। ▲ଛେଣ୍ଡିପଦାରେ ବିଧାୟକ ପତାକା ଉତ୍ତୋଳନ କରିଛନ୍ତି। ▲କିଶୋରନଗରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଠମଲ୍ଲିକ ବିଧାୟକ ଓ ଅନ୍ୟମାନେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ